# NATIONAL NEWS BULLETIN (ODIA)

## 23 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ସଂସଦ ଏବଂ ରାଜ୍ୟ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଏଷ୍ଟିମେଟ୍ କମିଟିର ଆଜିଠାରୁ ଆରମ୍ଭ ହେଉଛି ଦୁଇଦିନିଆ ସମ୍ମିଳନୀ ।
- ନକ୍ସଲବାଦ ଦମନ ପାଇଁ ସରକାର ସଂକଳ୍ପ ନେଇଛନ୍ତି-କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଅପରେସନ ସିନ୍ଧୁ ଅଧୀନରେ ଏପର୍ଯ୍ୟନ୍ତ ୧ହଜାର ୭୧୩ ଜଣ ଭାରତୀୟ ଇରାନ୍‌ରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।
- ଇଜିପ୍ଟର ବୈଦେଶିକ ମନ୍ତ୍ରୀଙ୍କ ଦୁଇଦିନିଆ ଭାରତ ଗସ୍ତ ସ୍ଥଗିତ ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲ୍‌କର ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜିର ଚତୁର୍ଥ ଦିନର ଖେଳ ଭାରତ ତା'ର ଦ୍ୱିତୀୟ ଇନିଂସ୍‌ର ସ୍କୋର ୨ ଓ୍ୱିକେଟ୍‌ରେ ୯୦ରନ୍‌ରୁ ଆରମ୍ଭ କରିବ ।

# ନ୍ୟାସନାଲ କନ୍‌ଫରେନ୍ସ-ମୁମ୍ବାଇ

ସଂସଦ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ଗୁଡ଼ିକର ଏଷ୍ଟିମେଟ କମିଟିର ଦୁଇଦିନିଆ ଜାତୀୟ ସମ୍ମିଳନୀ ଆଜି ମୁମ୍ବାଇଠାରେ ଆରମ୍ଭ ହେଉଛି । ପ୍ରଶାସନିକ ଦକ୍ଷତା, ଅର୍ଥନୈତିକ ଅଭିବୃଦ୍ଧି, ବଜେଟ୍ ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଏହି ବୈଠକରେ ମତ ବିନିମୟ ହେବ । ଏଷ୍ଟିମେଟ କମିଟି କାର୍ଯ୍ୟକାରୀତା ୭୫ତମ ବର୍ଷ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଏହି ସମ୍ମିଳନୀରେ ଯୋଗଦେବେ । ସମସ୍ତ ଏଷ୍ଟିମେଟ କମିଟିର ସଦସ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାୱାର, ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନାର୍‌ୱେକର ଏବଂ ସଂସଦ ଏଷ୍ଟିମେଟ କମିଟିର ଅଧ୍ୟକ୍ଷ ଡକ୍ଟର ସଞ୍ଜୟ ଜୟସ୍ୱାଲ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେବେ ।

## ଛତିଶଗଡ଼ - ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଏକ ସଭ୍ୟ ସମାଜରେ ହିଂସା ଏବଂ ଲାଲ୍ ଆତଙ୍କର କୌଣସି ସ୍ଥାନ ନାହିଁ । ସେ କହିଛନ୍ତି, ସରକାର ନକ୍ସଲବାଦ ଦମନ କରିବାକୁ ସଙ୍କଳ୍ପ ନେଇଛନ୍ତି ଏବଂ ଖୁବ୍ ଶୀଘ୍ର ଏହା ପୂରଣ କରାଯିବ । ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ନକ୍ସଲ୍‌ବାଦର ମୂଳୋତ୍ପାଟନ କରିବାପାଇଁ ତାଙ୍କର ସଙ୍କଳ୍ପକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଦୋହରାଇଛନ୍ତି । ଶ୍ରୀ ଶାହା' ଛତିଶଗଡ଼ ସରକାରଙ୍କର ମାଓବାଦୀମାନଙ୍କ ପାଇଁ ଆତ୍ମସମର୍ପଣ ନୀତିର ପ୍ରଶଂସା କରିଛନ୍ତି । ଏହି ନୀତିର ସୁଯୋଗ ନେଇ ଅସ୍ତ୍ରଶସ୍ତ୍ର ସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ପରାମର୍ଶ ଦେଇଛନ୍ତି । ନକ୍ସଲ ବିରୋଧୀ ଅଭିଯାନର ସମୀକ୍ଷା କରିବାପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ରାୟପୁରରେ ଗତ ସଂଧ୍ୟାରେ ୭ଟି ମାଓବାଦୀ ପ୍ରଭାବିତ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକ କରିଛନ୍ତି । ଏହି ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ପୁଲିସ୍ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି ।

## ଅପରେସନ ସିନ୍ଧୁ

ଅପରେସନ ସିନ୍ଧୁ ଅଧୀନରେ ଇରାନ୍‌ର ମସହାଦରୁ ଏକ ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀରେ ୨୮୫ଜଣ ଭାରତୀୟ ଗତ ରାତିରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ସେମାନଙ୍କୁ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ଅପରେସନ ସିନ୍ଧୁ ଅଧୀନରେ ଏପର୍ଯ୍ୟନ୍ତ ୧ହଜାର ୭୧୩ଜଣ ଭାରତୀୟ ଇରାନ୍‌ରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଗାମୀ ଦୁଇଦିନ ମଧ୍ୟରେ

ଇରାନ୍‌ରୁ ୨ରୁ ୩ଟି ଉଡାଣ ମାଧ୍ୟମରେ ଭାରତୀୟଙ୍କୁ ଫେରାଇ ଆଣିବାର ବ୍ୟବସ୍ଥା କରାଯାଇଛି । ଇରାନ୍ ଏବଂ ଇସ୍ରାଏଲରେ ରହୁଥିବା ଭାରତୀୟ ନାଗରିକଙ୍କ ସହିତ ବୈଦେଶିକ ମନ୍ତ୍ରଣାଳୟ ନିରନ୍ତର ଯୋଗାଯୋଗରେ ରହିଛି ବୋଲି ମନ୍ତ୍ରୀ ମାର୍ଘାରିଟା କହିଛନ୍ତି । ଭାରତୀୟଙ୍କ ସୁରକ୍ଷିତ ସ୍ଥାନାନ୍ତର ନେଇ ତେହରାନସ୍ଥିତ ଭାରତୀୟ ଦୂତାବାସ ଏବଂ ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମାର୍ଘାରିଟା କହିଛନ୍ତି ।

# ରାଜନାଥ-ପ୍ରେସିଡେଣ୍ଟ ବୁକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଷଣ ଉପରେ ପର୍ଯ୍ୟବେସିତ ପୁସ୍ତକ 'ୱିଙ୍ଗ୍‌ସ ଟୁ ଆୱାର ହୋପ୍ସ'ର ଦ୍ୱିତୀୟ ଭାଗକୁ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ଉନ୍ମୋଚନ କରିବେ । ନୂଆଦିଲ୍ଲୀରେ ଆଜି ସଂଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ସିଂହ ଏହି ପୁସ୍ତକକୁ ଉନ୍ମୋଚନ କରିବେ । ରାଷ୍ଟ୍ରପତିଙ୍କ ଦ୍ୱିତୀୟ ବର୍ଷ କାର୍ଯ୍ୟକାଳରେ ୫୧ଟି ଭାଷଣ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ରାଷ୍ଟ୍ରପତି ମୁର୍ମୁଙ୍କ ଦୃଷ୍ଟିକୋଣ, ଦର୍ଶନ ଏବଂ ପ୍ରାଥମିକତାକୁ ପୁସ୍ତକରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ପୁସ୍ତକଟି ଇ-ସଂସ୍କରଣ ସହିତ ହିନ୍ଦୀ ଏବଂ ଇଂରାଜୀ ଉଭୟ ଭାଷାରେ ଉନ୍ମୋଚନ ହେବ ।

# ଭାଇସ୍ ପ୍ରେଜ୍-ଆମିଟି ୟୁନିଭରସିଟି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ଜାତୀୟ କୁଳପତି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପ୍ରତିଷ୍ଠାର ୧୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ନଏଡାସ୍ଥିତ ଆମିଟି ବିଶ୍ୱବିଦ୍ୟାଳୟଠାରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀର ଚଳିତବର୍ଷର ବିଷୟବସ୍ତୁ ରହିଛି, 'ଭବିଷ୍ୟତରେ ଉଚ୍ଚଶିକ୍ଷାର ପରିକଳ୍ପନା: ଭାରତର ପ୍ରମୁଖ ଭୂମିକା' । ସମଗ୍ର ଦେଶରୁ ପ୍ରାୟ ୩୦୦ରୁ କୁଳପତି ପ୍ରତ୍ୟକ୍ଷ ଭାବେ ଏବଂ ୨୦୦ ଆଭାସୀ ମାଧ୍ୟମରେ ଏହି ସମ୍ମିଳନୀରେ ଯୋଗଦେବେ ।

# ଇଜିପ୍ଟ ଏଫ୍‌ଏମ୍ ଇଣ୍ଡିଆ ଭିଜିଟ୍

ଇଜିପ୍ଟର ବୈଦେଶିକ ମନ୍ତ୍ରୀ ବଦ୍ର ଅବଦେଲାଟି ତାଙ୍କର ଦୁଇଦିନିଆ ଭାରତ ଗସ୍ତକୁ ସ୍ଥଗିତ ରଖିଛନ୍ତି । ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଇଜିପ୍ଟର ବୈଦେଶିକ ମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଶ୍ରୀ ଅବଦେଲାଟି ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସିବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା । ଚଳିତବର୍ଷ ଦ୍ୱିତୀୟଥର ପାଇଁ ଇଜିପ୍ଟର ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତକୁ ସ୍ଥଗିତ ରଖିଛନ୍ତି । ଗତ ଫେବୃୟାରୀ ମାସରେ ଶ୍ରୀ ଅବଦେଲାଟି ତାଙ୍କର ଭାରତ ଗସ୍ତକୁ ସ୍ଥଗିତ ରଖିଥିଲେ । ଇସଲାମିକ ସହଯୋଗ ସଂଗଠନ ବୈଠକରେ ଯୋଗଦେବାପାଇଁ ଶ୍ରୀ ଅବଦେଲାଟି ଗତକାଲି ତୁର୍କୀ ଗସ୍ତରେ ଯାଇଥିଲେ । ସଂଘର୍ଷକୁ ହ୍ରାସ କରିବା ଲକ୍ଷ୍ୟନେଇ ଶ୍ରୀ ଅବଦେଲାଟି ତୁର୍କୀଠାରେ ଇରାନ୍ ପ୍ରତିପକ୍ଷ ଆବାସ ଅର୍ଘାଚିଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ ।

## ପିଆଇବି ଫ୍ୟାକ୍ଟ ଚେକ୍-ୟୁଏସ୍ ଷ୍ଟ୍ରାଇକ୍

ଅପରେସନ ମିଡ୍‌ନାଇଟ୍ ହାମର ଅବସରରେ ଇରାନ୍ ବିରୁଦ୍ଧରେ ଆମେରିକା ଭାରତୀୟ ଆକାଶପଥକୁ ବ୍ୟବହାର କରିଥିବା ସଂକ୍ରାନ୍ତ ଖବରକୁ ସରକାର ଖଣ୍ଡନ କରିଛନ୍ତି ।  ପତ୍ର ସୂଚନା କାର୍ଯ୍ୟାଳୟ- ପିଆଇବିର ତଥ୍ୟ ସନ୍ଧାନ ୟୁନିଟ୍ ଏହି ଖବରକୁ ମିଥ୍ୟା ବୋଲି ସ୍ପଷ୍ଟ କରିଛି । ବିଭିନ୍ନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏଭଳି ମିଥ୍ୟା ପ୍ରଚାରକୁ ବିଶ୍ୱାସ ନ କରିବାକୁ ପିଆଇବି ଜନସାଧାରଣଙ୍କୁ ଅନୁରୋଧ କରିଛି । ଆମେରିକା ଭାରତୀୟ ବାୟୁପଥକୁ ବ୍ୟବହାର କରିନଥିଲା, ଅନ୍ୟପକ୍ଷରେ ଆମେରିକାର ଯୁଗ୍ମ ଚିଫ୍ ଅଫ୍ ଷ୍ଟାଫ୍ ଅଧ୍ୟକ୍ଷ ଜେନେରାଲ ଡାନ୍ କେନ୍ ନିକଟରେ ଗଣମାଧ୍ୟମକୁ ଆମେରିକୀୟ ବିମାନ ଦ୍ୱାରା ବ୍ୟବହୃତ ମାର୍ଗ ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରିଛନ୍ତି ବୋଲି ପିଆଇବି କହିଛି ।

## ହରଦୀପ୍ ପୁରୀ – ୱେଷ୍ଟ ଏସିଆ

ପଶ୍ଚିମ ଏସିଆର ସଂଘର୍ଷମୟ ପରିସ୍ଥିତି ଉପରେ ଭାରତ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଭାରତୀୟ ନାଗରିକଙ୍କୁ ଇନ୍ଧନ ଯୋଗାଣରେ ସ୍ଥିରତାକୁ ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ୟୁଏନ୍‌ଏସ୍‌ସି-ଏମରଜନ୍ସି ମିଟ୍

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଗୁରୁତ୍ୱାରୋପ କରିଛନ୍ତି । ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ସୁରକ୍ଷା ପରିଷଦର ଏକ ଜରୁରୀକାଳୀନ ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେଇ ଶ୍ରୀ ଗୁଟେରସ ଏହା କହିଛନ୍ତି । ଇରାନ୍‌ର ପରମାଣୁ ପ୍ରତିଷ୍ଠାନ ଉପରେ ଆମେରିକାର ସାମରିକ ଅଭିଯାନ ପରିପ୍ରେକ୍ଷୀରେ ଶ୍ରୀ ଗୁଟେରସ ଏହି ଆହ୍ୱାନ ଦେଇଛନ୍ତି । ପଶ୍ଚିମ ଏସୀୟ ଅଞ୍ଚଳରେ ସଂଘର୍ଷ ପରିପ୍ରେକ୍ଷୀରେ ସେ କହିଛନ୍ତି ଭବିଷ୍ୟତ ପାଇଁ ଏହା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ । ଏଥିସହ ଶାନ୍ତି ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି । ଆକ୍ରମଣ-ପ୍ରତିଆକ୍ରମଣ ପରିପ୍ରେକ୍ଷୀରେ ସଂଘର୍ଷ ବୃଦ୍ଧିକୁ ସେ ନିନ୍ଦା କରିବା ସହ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି । ଇରାନ୍ ପରମାଣୁ କାର୍ଯ୍ୟକ୍ରମର ବିଶ୍ୱସ୍ତରୀୟ ବ୍ୟାପକ ଏବଂ ତଦନ୍ତଯୋଗ୍ୟ ସମାଧାନକୁ ଶ୍ରୀ ଗୁଟେରସ ସମର୍ଥନ କରିବା ସହ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା ଦ୍ୱାରା ନିରୀକ୍ଷଣ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଏହି ଅଧିବେଶନରେ ଇରାନ୍‌ର ପ୍ରତିନିଧି ଆମିର ସୟିଦ ଇରାଭାନି କହିଛନ୍ତି ଆକ୍ରମଣ ବିରୁଦ୍ଧରେ ନିଜକୁ ରକ୍ଷା କରିବାର ଅଧିକାର ତେହରାନର ରହିଛି । ପ୍ରତିଆକ୍ରମଣ ନେଇ ସମୟ ଦେଶର ସଶସ୍ତ୍ର ବାହିନୀ ନିର୍ଦ୍ଧାରଣ କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଜାତିସଂଘରେ ଇସ୍ରାଏଲର ପ୍ରତିନିଧି ଡାନି ଡାନନ କହିଛନ୍ତି ଇରାନ ଉପରେ ଆମେରିକାର ଆକ୍ରମଣ ବିଶ୍ୱକୁ ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରିଛି । ଚୀନ୍‌ର ରାଷ୍ଟ୍ରଦୂତ ଫୁ କଙ୍ଗ ଆମେରିକାର

ଆକ୍ରମଣକୁ ନିନ୍ଦା କରିବା ସହ ସଂଯମତା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି । ରୁଷ୍‌ର ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ କହିଛନ୍ତି ଏଭଳି ଆକ୍ରମଣ କୂଟନୈତିକ ସମାଧାନ ପାଇଁ ଆମେରିକା ଆଗ୍ରହୀ ନୁହେଁ ବୋଲି ସ୍ପଷ୍ଟ କରିଛି । ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଡୋରୋଥି ସିଆ କହିଛନ୍ତି ଆମେରିକାର ସାମରିକ ଘାଟୀ ଗୁଡ଼ିକ ଉପରେ କୌଣସି ପ୍ରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଆକ୍ରମଣର ଉଚିତ୍ ଜବାବ ଦିଆଯିବ ।

# କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲ୍‌କର ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜିର ଚତୁର୍ଥ ଦିନର ଖେଳ ଭାରତ ତା'ର ଦ୍ୱିତୀୟ ଇନିଂସ୍‌ର ସ୍କୋର ୨ ୱିକେଟ୍‌ରେ ୯୦ରନ୍‌ରୁ ଆରମ୍ଭ କରିବ । ଲିଡ୍‌ସ୍‌ର ହେଡିଂଲେଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ର ଗତକାଲି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା କେ.ଏଲ୍ ରାହୁଲ ୪୭ରନ୍ ଏବଂ ଅଧିନାୟକ ଶୁଭମନ ଗିଲ୍ ୬ରନ୍ ସହ କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଏଥିସହ ଭାରତ ଇଂଲଣ୍ଡଠାରୁ ୯୬ରନ୍‌ରେ ଆଗୁଆ ରହିଛି । ଗତକାଲି ଇଂଲଣ୍ଡ ତା'ର ପ୍ରଥମ ଇନିଂସ୍‌ରେ ୪୬୫ରନ୍ ସଂଗ୍ରହ କରିଥିଲା । ଯଶପ୍ରୀତ ବୁମ୍‌ରା ୫ଟି ୱିକେଟ ନେଇଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଏବଂ ମହମ୍ମଦ ସିରାଜ୍ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି ।